The Odisha Gazette

EXTRAORDINARY
PUBLISHED BY AUTHORITY

No. 1509 CUTTACK, WEDNESDAY, DECEMBER 9, 2020/MARGASIRA 18, 1942

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ନବରଙ୍ଗପୁର

## ଅଧିସୂଚନା

LAC No. 01/2019/121 Dated 19.11.2020

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ନବରଙ୍ଗପୁର ଜିଲ୍ଲାର **ନବରଙ୍ଗପୁର-ରଜୋଡା-କୋଷାଗୁମୁଡା ରାସ୍ତା ଉନ୍ନତିକରଣ** ନିମନ୍ତେ **ମୌଜା-ନବରଙ୍ଗପୁର**, ଥାନା- ନବରଙ୍ଗପୁର ନଂ ୩୪, ତହସିଲ- ନବରଙ୍ଗପୁର, ଜିଲ୍ଲା- ନବରଙ୍ଗପୁର ରେ ନିମ୍ନ ତଫସିଲ ମତେ ପ୍ରାୟ **୦.୭୪ ଏକର** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ବଚ୍ଛତା ଆଇନ ୨୦୧୩ ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ନବରଙ୍ଗପୁର-ରଜୋଡା-କୋଷାଗୁମୁଡା ରାସ୍ତା ଉନ୍ନତିକରଣ ନିମନ୍ତେ ।

୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ, ନବରଙ୍ଗପୁର(ରାସ୍ତା ଓ ଗୃହ) ବିଭାଜନ, ନବରଙ୍ଗପୁର ।

୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।

୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ରାସ୍ତା ଉନ୍ନତିକରଣ ଦ୍ୱାରା ହେଉଥିବା କ୍ଷୟକ୍ଷତି ଅପେକ୍ଷା ସମଗ୍ର ଅଞ୍ଚଳର ଉନ୍ନତିରେ ଅଧିକ ସହାୟକ ହେବ ।

୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ : ପ୍ରଯୁଜ୍ୟ ନୁହେଁ ।

୬. ଜମିର ବିସ୍ତାରିତ ବିବରଣୀ :

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟ ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ନବରଙ୍ଗପୁର | ନବରଙ୍ଗପୁର | ନବରଙ୍ଗପୁର | ସହରାଞ୍ଚଳ | ୧୦୨୫ | ୧୧୩୮ | ୨.୭୯ ଏକର | ୦.୭୪ ଏକର | ଡମ୍ବୁ ଭତରା ପି: ସୁକୁ ଭତରା, ବ: ନିଜ ଗାଁ, ଜାତି: ଭତରା |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ନବରଙ୍ଗପୁରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ନବରଙ୍ଗପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ସମ୍ପୃକ୍ତ ଜମିର କୌଣସି ସତ୍ୱାଧିକାରୀ / ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ନବରଙ୍ଗପୁର ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ଅଜିତ୍ କୁମାର ମିଶ୍ର**

**ଜିଲ୍ଲାପାଳ, ନବରଙ୍ଗପୁର**

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 915—173+9